# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା 06.06.2022 ରିଖ

ସମୟ - ପୂର୍ବାହ୍ନ ଘ.11.00 ଟିକା
ସ୍ଥାନ - ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀ ଭରତ କୁମାର ଲେଙ୍କା,
୩. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୪. ଶ୍ରୀମତୀ ଛବି ଦାଶ,
୫. ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ,
୬. ଶ୍ରୀମତୀ ମୋନାଲିସା ସାହୁ,
୭. ଶ୍ରୀମତୀ ରଞ୍ଜୁଲତା ରାୟ

ଅଦ୍ୟ ତା 06.06.2022 ରିଖ ପୂର୍ବାହ୍ନ ଘ.11.00 ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଅଧୁନା ଏକମାତ୍ର ସେଂଟ୍ରାଲ୍ ସ୍କ୍ୱାର୍ଡ଼ ରହିଅଛି ଯାହାକି C & D waste/ Littering waste/ Plastic enforcement ଇତ୍ୟାଦିର କାର୍ଯ୍ୟ କରୁଅଛି । ଏହି ସମସ୍ତ କାର୍ଯ୍ୟ ସୁରୁରୁରୂପେ ସମ୍ପାଦନ କରିବା, ଗୋଟିଏ ସ୍କ୍ୱାର୍ଡ଼ ପକ୍ଷେ ସମ୍ଭବପର ହେଉନାହିଁ । ତେଣୁ ପ୍ରତ୍ୟେକ ଜୋନ୍‌ରେ ଗୋଟିଏ ଲେଖାଏଁ ଏନ୍‌ଫୋର୍ସମେଂଟ ସ୍କ୍ୱାର୍ଡ଼ ରଖିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ୪ ଗୋଟି UCSC (Urban Community Health Centre) ରହିଅଛି ଏବଂ ସେଠାରେ ଦିନକୁ ଦିନ ରୋଗୀ ସଂଖ୍ୟା ବୃଦ୍ଧି ହେଉଥିବାର ପରିଲକ୍ଷିତ ହେଉଅଛି । ରୋଗୀ ମାନଙ୍କର ସୁବିଧା ନିମନ୍ତେ ପ୍ରତ୍ୟେକ ହସ୍ପିଟାଲ୍‌କୁ ଗୋଟିଏ ଲେଖାଏଁ ଅଲଟ୍ରାସାଉଣ୍ଡ୍ ମେସିନ୍ ଏବଂ ଜଣେ ଲେଖାଏଁ ରେଡ଼ିଓଲୋଜିଷ୍ଟ୍ ଯୋଗାଇ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଦିବ୍ୟାଙ୍ଗମାନେ ସେମାନଙ୍କର P.H Certificate ପାଇବା ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍ ଉପରେ ନିର୍ଭର କରୁଛନ୍ତି । ଏଥିପାଇଁ କ୍ୟାପିଟାଲ୍ ହସ୍ପିଟାଲ୍ କର୍ତ୍ତୃପକ୍ଷ ଦିବ୍ୟାଙ୍ଗ ମାନଙ୍କର ପରୀକ୍ଷା ନିରିକ୍ଷା ପାଇଁ ମାସକୁ ଗୋଟିଏ ଦିନ ଧାର୍ଯ୍ୟ କରିଛନ୍ତି । ଏହି ଦିନରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହେଉଅଛି ଏବଂ ଦିବ୍ୟାଙ୍ଗମାନେ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେଣୁ ସେମାନଙ୍କର ପରୀକ୍ଷା ନିରିକ୍ଷା କରିବା ପାଇଁ, ମାସକୁ ଗୋଟିଏ ଦିନ ପରିବର୍ତ୍ତେ ସପ୍ତାହକୁ ଗୋଟିଏ ଦିନ ଧାର୍ଯ୍ୟ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଥିବା ଡ୍ରେନ୍ ନଂ-୫ ରେ ଯାଉଥିବା ନର୍ଦ୍ଦମା ପାଣି ଠିକ୍ ରୂପେ ନିଷ୍କାସିତ ହୋଇପାରୁନାହିଁ, ଫଳରେ ଅଧିକ ବର୍ଷା ହେଉଥିବା ସମୟରେ ଉପରୋକ୍ତ ୫ ନଂ ଡ୍ରେନ୍‌ର ପାର୍ଶ୍ୱବର୍ତ୍ତୀ ଅଂଚଳରେ ଡ୍ରେନ୍ ଜଳ ମାଡ଼ିଯାଉଅଛି । ତେଣୁ ସେହି ସ୍ଥାନରେ ଏକ ସାଇଫନ୍ ନିର୍ମାଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମର କେତେକ ଅଂଚଳରେ ରାସ୍ତାଲୋକର ରକ୍ଷଣାବେକ୍ଷଣ କାର୍ଯ୍ୟନିମନ୍ତେ M/S. NEESL Pvt. Ltd. କୁ ଏକ ତ୍ରିପାକ୍ଷିକ ଚୁକ୍ତିନାମା ମାଧମରେ ଦାୟିତ୍ୱ ଦିଆଯାଇଅଛି, କିନ୍ତୁ ଉକ୍ତ ସଂସ୍ଥା, ରକ୍ଷଣାବେକ୍ଷଣ କାର୍ଯ୍ୟ ସୁରୁରୁରୂପେ ସମ୍ପାଦନ କରୁନଥିବାରୁ, ଚୁକ୍ତିନାମା ରଦ୍ଦ କରିବା ନିମନ୍ତେ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମ ଅଂଚଳର ପ୍ରତ୍ୟେକ ୱାର୍ଡ଼ରେ ନୂତନ ଆଲୋକିକରଣ କାର୍ଯ୍ୟ ନିମନ୍ତେ ୧୦ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ଅପରାହ୍ନ ଘ. 2.00 ଟିକା ସମୟରେ ସଭା ଭଂଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା 06.06.2022 ରିଖ